ପି. ସି. ଯୋଶୀ

*ବନାମ*

ୟୁ. ପି. ରାଜ୍ୟ ଏବଂ ଅନ୍ୟମାନେ

8 ଅଗଷ୍ଟ, 2001

[ଏସ୍. ରାଜେନ୍ଦ୍ର ବାବୁ ଏବଂ ଦୋରାଇସ୍ୱାମୀ ରାଜୁ, ନ୍ୟାୟମୂର୍ତ୍ତିଦ୍ୱୟ]

*ସେବା ଆଇନ:*

*ନ୍ୟାୟପାଳିକା ଅଧିକାରୀ - ମନ୍ଦ ଆଚରଣ - ସେବା ସମାପ୍ତି - ହେବାକୁ ଥିବା ପରୀକ୍ଷଣ - ନିର୍ଣ୍ଣୟ କରାଯାଇଥିଲା ଯେ, ଆଦେଶଟି ଭୁଲ ଅଟେ କିମ୍ବା ଭିନ୍ନ କାର୍ଯ୍ୟାନୁଷ୍ଠାନ ନିଆଯାଇ ପାରିଥାନ୍ତା, କେବଳ ଏହି କାରଣରୁ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବାକୁ ସମର୍ଥନ କରାଯାଇପାରିବନାହିଁ - ନ୍ୟାୟିକ କ୍ଷମତାର* **ଯଥାର୍ଥ** *ତ୍ରୁଟିପୂର୍ଣ୍ଣ ପ୍ରୟୋଗ ଆଦୌ ମନ୍ଦ ଆଚରଣ ନୁହେଁ*

**ଆବେଦନକାରୀ-ନ୍ୟାୟିକ ଅଧିକାରୀ ଉଚ୍ଚ ନ୍ୟାୟାଳୟରେ ଏକ ଆଜ୍ଞାଦେଶ ଆବେଦନ ଦାଖଲ କରି ତାଙ୍କ ସେବା ସମାପ୍ତିର ଏହି ଆଧାରଗୁଡ଼ିକୁ ଆପତ୍ତି କରିଥିଲେ ଯେ ତାଙ୍କ ବିରୋଧରେ ଦାୟର ଅଭିଯୋଗଗୁଡ଼ିକ ମନ୍ଦ ଆଚରଣକୁ ଅନ୍ତର୍ଭୁକ୍ତ କରେ ନାହିଁ ଏବଂ ତଦନ୍ତ ସମୟରେ ଲିପିବଦ୍ଧ କରାଯାଇଥିବା ସିଦ୍ଧାନ୍ତ ତଥ୍ୟ ଉପରେ ନୁହେଁ ବରଂ ଅନୁମାନ ଏବଂ ସନ୍ଦେହ ଉପରେ ଆଧାରିତ ଅଟେ । ଉକ୍ତ ଆଜ୍ଞାଦେଶ ଆବେଦନକୁ ଉଚ୍ଚ ନ୍ୟାୟାଳୟ ଖାରଜ କରିଦେଇଥିଲେ । ସେଥିପାଇଁ ଏହି ଆବେଦନ ଅଟେ ।**

**ଆବେଦନକୁ ଅନୁମତି ପ୍ରଦାନ କରି, ନ୍ୟାୟାଳୟ**

**ନିର୍ଣ୍ଣୟ କରିଥିଲେ ଯେ: 1.1. ଏପରି ମାମଲାରେ ଯେଉଁଠାରେ ଅଧସ୍ତନ ନ୍ୟାୟାଳୟର ଆଦେଶ ତ୍ରୁଟିପୂର୍ଣ୍ଣ ବୋଲି ଯଦି ଜଣାପଡ଼େ, ତେବେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯାଇଥାଏ, ଯାହାଦ୍ୱାରା ଅଧସ୍ତନ ନ୍ୟାୟପାଳିକାର ଆତ୍ମବିଶ୍ୱାସ ବିଚଳିତ ହେବ ଏବଂ ଶୃଙ୍ଖଳାଗତ ତଦନ୍ତର ସମ୍ମୁଖୀନ ନହେବା ପାଇଁ ଅଧିକାରୀମାନେ ଏକ ରାୟକୁ ଲେଖିବା ନିମନ୍ତେ ମନରେ ନିରନ୍ତର ଭୟ ପୋଷଣ କରିବେ ଏବଂ ସେଥିପାଇଁ, ନ୍ୟାୟପାଳିକା ଅଧିକାରୀମାନେ ସ୍ୱାଧୀନ ଭାବରେ କିମ୍ବା ନିର୍ଭୀକ ଭାବରେ କାର୍ଯ୍ୟ କରିପାରିବେ ନାହିଁ ।**

**1.2. ଆଦେଶଟି ତୃଟିପୂର୍ଣ୍ଣ ଅଟେ କିମ୍ବା ଗ୍ରହଣ କରାଯାଇଥିବା କାର୍ଯ୍ୟାନୁଷ୍ଠାନ ଭିନ୍ନ ହୋଇଥାଇପାରିଥାନ୍ତା, କେବଳ ଏହି କାରଣରୁ ନ୍ୟାୟିକ ଅଧିକାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବାର ଆବଶ୍ୟକତା ନାହିଁ । ନ୍ୟାୟିକ କ୍ଷମତାର *ଯଥାର୍ଥ* ଏବଂ ତ୍ରୁଟିପୂର୍ଣ୍ଣ ପ୍ରୟୋଗକୁ ଆଦୌ ମନ୍ଦ ଆଚରଣ ଭାବରେ ବିବେଚନା କରାଯାଇପାରିବ ନାହିଁ ।**

*ଭାରତ ସଂଘ* **ବନାମ** *ଏ. ଏନ୍. ସକ୍ସେନା,* **[1992] 3 SCC 124;** *ଭାରତ ସଂଘ* **ବନାମ** *କେ. କେ. ଧାୱନ,* **[1993] 2 SCC 56 ଏବଂ** *ଈଶ୍ୱର ଚାନ୍ଦ ଜୈନ* **ବନାମ** *ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟ,* **[1998] Supp. 1 SCR 396, ଉପରେ ନିର୍ଭର କରାଯାଇଥିଲା ।**

ଦେୱାନୀ ଅପିଲ କ୍ଷେତ୍ରାଧିକାର : ଦେୱାନୀ ଅପିଲ ସଂଖ୍ୟା 5182/2001 ।

1997 ର C.M.W.P. ସଂଖ୍ୟା 26921 ରେ ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟର 16.11.99 ତାରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ପକ୍ଷରୁ ପି. ପି. ରାଓ, ରାଜ କୁମାର ଗୁପ୍ତା, ଶେଓ କୁମାର ଗୁପ୍ତା, ଜୟ ମଙ୍ଗଳ ୱାଦି ଏବଂ ଏ. ଏନ୍. ବରାଦିୟାର ।

ଉତ୍ତରଦାତାମାନଙ୍କ ପକ୍ଷରୁ ୱାଇ. ପି. ସିଂହ, ଅଜୟ କେ. ଅଗ୍ରୱାଲ, ସି. ସିଦ୍ଧାର୍ଥ, ମୁକେଶ କୁମାର ଶର୍ମା ଏବଂ ଅଶୋକ କେ. ଶ୍ରୀବାସ୍ତବ ।

ନ୍ୟାୟାଳୟଙ୍କ ରାୟ ପ୍ରଦାନ କରାଯାଇଥିଲା

**ନ୍ୟାୟାଧୀଶ ରାଜେନ୍ଦ୍ର ବାବୁ**ଙ୍କ ଦ୍ୱାରା । ଅନୁମତି ପ୍ରଦାନ କରାଗଲା ।

ଆବେଦନକାରୀଙ୍କ ଦ୍ୱାରା ଦାଖଲ ହୋଇଥିବା ଏକ ଆଜ୍ଞାଦେଶ ଆବେଦନକୁ ଖାରଜ କରିଥିବା ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ ବିରୁଦ୍ଧରେ ଏହି ଆବେଦନ ନିର୍ଦ୍ଦେଶିତ ହୋଇଛି ଆବେଦନକାରୀଙ୍କ ବିରୋଧରେ କେତେକ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା । ତଦନ୍ତ ପରେ, ତାଙ୍କୁ ଏହି ଅଭିଯୋଗରେ ଦୋଷୀ ସାବ୍ୟସ୍ତ କରାଯାଇଥିଲା ଏବଂ ଶେଷରେ ତାଙ୍କୁ ଚାକିରିରୁ ବରଖାସ୍ତ କରାଯାଇଥିଲା । ଅନ୍ୟାନ୍ୟ ବିଷୟ ମଧ୍ୟରେ, ଉକ୍ତ ଆଧାରଗୁଡିକ ଭିତ୍ତିରେ ତାଙ୍କ ଦ୍ୱାରା ଉଚ୍ଚ ନ୍ୟାୟାଳୟରେ ଏକ ଆଜ୍ଞାଦେଶ ଆବେଦନ ଦାଖଲ କରାଯାଇଥିଲା:

1. ତାଙ୍କ ବିରୋଧରେ ଲଗାଯାଇଥିବା ଅଭିଯୋଗଗୁଡ଼ିକ ମନ୍ଦ ବ୍ୟବହାରକୁ ଅନ୍ତର୍ଭୁକ୍ତ କରେନାହିଁ; ଏବଂ 2. ତଦନ୍ତରେ ନଥିଭୁକ୍ତ କରାଯାଇଥିବା ତଦନ୍ତଗୁଡିକ ତଥ୍ୟ ଉପରେ ଆଧାରିତ ନୁହେଁ, ବରଂ ଅନୁମାନ ଏବଂ ସନ୍ଦେହ ଉପରେ ଆଧାରିତ ଅଟେ ।

ଉଚ୍ଚ ନ୍ୟାୟାଳୟ ଜାଣିବାକୁ ପାଇଲେ ଯେ ଆବେଦନକାରୀଙ୍କ ପ୍ରତି ପ୍ରତିକୂଳ ଉପସଂହାରରେ ଉପନୀତ ହେବା ପାଇଁ ତଦନ୍ତ ଅଧିକାରୀଙ୍କ ପାଖରେ ତଥ୍ୟ ଅଛି ଏବଂ ଆଜ୍ଞାଦେଶ ଆବେଦନକୁ ଖାରଜ କରିଦେଇଥିଲେ ।

ଭି. କେ. ତିୱାରୀ ଏବଂ ରାଜୀବ କୁମାର ସିଂହ ନାମକ ଦୁଇଜଣ ଓକିଲଙ୍କ ଦ୍ୱାରା କରାଯାଇଥିବା ଅଭିଯୋଗ ଉପରେ, ଅନ୍ୟାନ୍ୟ ବିଷୟ ମଧ୍ୟରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯାଇଥିଲା । ଆବେଦନକାରୀଙ୍କ ବିରୋଧରେ ନଅଟି ଅଭିଯୋଗ କରାଯାଇଥିଲା, ସେଥିମଧ୍ୟରୁ ସାତଟି ଅଭିଯୋଗ, 19ଟି ମାମଲାରେ ମଞ୍ଜୁର ହୋଇଥିବା ଜାମିନ ଆଦେଶ ସହ ଜଡ଼ିତ ଅଟେ । ଇଟାରେ ତାଙ୍କର ଦୁଇ ବର୍ଷର କାର୍ଯ୍ୟକାଳ ମଧ୍ୟରେ, ଆବେଦନକାରୀ 3,000ରୁ ଅଧିକ ଜାମିନ ଆବେଦନକୁ ଫଏସଲା କରିଥିବା ଦର୍ଶାଯାଇଛି । ଏହି 3000 ଜାମିନ ଆବେଦନଗୁଡ଼ିକ ମଧ୍ୟରୁ କେବଳ 19ଟି ଜାମିନ ଆଦେଶ, ଦୋଷାରୋପ ଫର୍ଦ୍ଦର ବିଷୟ ଥିଲା । ତେବେ, ତଦନ୍ତ ଅଧିକାରୀ ଜାଣିବାକୁ ପାଇଲେ ଯେ 7ଟି ମାମଲାରେ ଜାମିନ ଆଦେଶ ସଠିକ୍ ଭାବରେ ମଞ୍ଜୁର କରାଯାଇଥିଲା ଏବଂ ସେହି ମାତ୍ରାରେ ଅଭିଯୋଗଗୁଡ଼ିକ ପ୍ରମାଣିତ ହୋଇନଥିଲା । ଚାରୋଟି ମାମଲାରେ ଅଭିଯୋଗଗୁଡ଼ିକ ଆଂଶିକ ଭାବେ ପ୍ରମାଣିତ ହୋଇଛି ବୋଲି ନିର୍ଣ୍ଣୟ କରାଯାଇଥିଲା । ଗୋଟିଏ ମାମଲାରେ, ଠକେଇ ଏବଂ ଭ୍ରମାତ୍ମକ ବିବରଣୀ ଦ୍ୱାରା ଜାମିନ ପ୍ରାପ୍ତ ହୋଇଥିବା ଆଧାରରେ ଅଭିଯୋଗକାରୀଙ୍କ ଦ୍ୱାରା କରାଯାଇଥିବା ଆବେଦନ ଉପରେ ଜାମିନ ମଞ୍ଜୁର ହେବାର ପ୍ରାୟ 1-1/2 ମାସ ପରେ ଆବେଦନକାରୀ ନିଜେ ଜାମିନ ଆଦେଶ ପ୍ରତ୍ୟାହାର କରିଥିଲେ । ଅନ୍ୟ ଦୁଇଟି ମାମଲାରେ, ତଦନ୍ତ ଅଧିକାରୀଙ୍କ ଅନୁଯାୟୀ, ପ୍ରଥମ ଆବେଦନରେ ହିଁ ଜାମିନ ମଞ୍ଜୁର ହେବାର ଥିଲା, କିନ୍ତୁ ଏହା ଦ୍ୱିତୀୟ ଆବେଦନରେ ମଞ୍ଜୁର କରାଯାଇଥିଲା । ତଦନ୍ତ ଅଧିକାରୀ ତାଙ୍କ ସମ୍ମୁଖରେ ଥିବା ପ୍ରତ୍ୟେକ ମାମଲାରେ ଧ୍ୟାନ ଦେଇଥିଲେ ଏବଂ ପୁନର୍ବାର ଯାଞ୍ଚ କରିଥିଲେ ଯେ ପ୍ରତ୍ୟେକ ମାମଲାରେ ଜାମିନ ମଞ୍ଜୁର କରାଯିବା ଉଚିତ୍ ଥିଲା କି ନୁହେଁ । କୌଣସି ମାମଲାରେ ସମ୍ପୃକ୍ତ ପକ୍ଷ କୌଣସି ଅଭିଯୋଗ କରିନଥିଲେ । ଜାମିନ ମଞ୍ଜୁର ସମ୍ବନ୍ଧୀୟ ପ୍ରତ୍ୟେକ ଅଭିଯୋଗର ଯାଞ୍ଚ ଉପରେ, ତଦନ୍ତ ଅଧିକାରୀ ଗୁଣବତ୍ତା ଆଧାରରେ ମାମଲାଗୁଡ଼ିକୁ ବିଚାର କରିବାକୁ ଆଗେଇଥିଲେ । ସେ ଜାଣିବାକୁ ପାଇଲେ ଯେ ପ୍ରଥମ ଜାମିନ ଆବେଦନକୁ ପ୍ରତ୍ୟାଖ୍ୟାନ କରିବାର

ଏକ ଚିରାଚରିତ ରୀତି ଥିଲା ଏବଂ ତା'ପରେ ମଧ୍ୟ ନୂତନ ଆଧାରର ଅନୁପସ୍ଥିତିରେ, ଦ୍ୱିତୀୟ ଜାମିନ ଆବେଦନକୁ ଗ୍ରହଣ ଏବଂ ଜାମିନ ମଞ୍ଜୁର କରାଯାଇଥିଲା କିମ୍ବା ଅନ୍ୟ କେତେକ ମାମଲାରେ ପ୍ରଥମ ଥରରେ ମଧ୍ୟ ଜାମିନ ମଞ୍ଜୁର କରାଯିବା ଉଚିତ୍ ଥିଲା । ଯଦିଓ ଆବେଦନକାରୀଙ୍କ ବିରୋଧରେ ଆରୋପିତ ବିଭିନ୍ନ ଅଭିଯୋଗ ଏବଂ ତଦନ୍ତ ଅଧିକାରୀଙ୍କ ସମ୍ମୁଖରେ ଉପସ୍ଥାପିତ ତଥ୍ୟ ବିଷୟରେ ଆମକୁ ବିସ୍ତୃତ ଭାବେ ଅବଗତ କରାଯାଇଛି, ଏହା ସ୍ୱଷ୍ଟ ଯେ କେବଳ ଏହି ଆଧାରରେ ସିଦ୍ଧାନ୍ତ ନିଆଯାଇଛି ଯେ ଜାମିନ ମଞ୍ଜୁର ପାଇଁ ଆବେଦନଗୁଡ଼ିକ ପ୍ରାରମ୍ଭିକ ପର୍ଯ୍ୟାୟରେ ପ୍ରତ୍ୟାଖ୍ୟାନ କରାଯାଇଥିଲା କିମ୍ବା ଏହିପରି ଆବେଦନଗୁଡିକ ପ୍ରଥମ ପର୍ଯ୍ୟାୟରେ ହିଁ ମଞ୍ଜୁର କରାଯିବା ଉଚିତ୍ ଥିଲା । ତେବେ, ଆଦେଶଗୁଡ଼ିକ ପାରିତ କରିବାରେ ଆବେଦନକାରୀଙ୍କ ତରଫରୁ କୌଣସି ମନ୍ଦ ଉଦ୍ଦେଶ୍ୟ କିମ୍ବା ବାହ୍ୟ କାରଣ ଥିଲା ବୋଲି ଦର୍ଶାଇବା କିମ୍ବା ପ୍ରମାଣ କରିବା ପାଇଁ କୌଣସି ନିର୍ଦ୍ଦିଷ୍ଟ ତଥ୍ୟକୁ ନଥିଭୁକ୍ତ କରାଯାଇ ନଥିଲା ।

ଏଭଳି ମାମଲାରେ ଗ୍ରହଣ କରାଯିବାକୁ ଥିବା ପରୀକ୍ଷଣ, *ଭାରତ ସଂଘ ଏବଂ ଅନ୍ୟମାନେ* ବନାମ *ଏ. ଏନ୍. ସକ୍ସେନା,* [1992] 3 SCC 124 ଏବଂ *ଭାରତ ସଂଘ ଏବଂ ଅନ୍ୟଜଣେ* ବନାମ *କେ. କେ. ଧାୱନ,* [1993] 2 SCC 56 ମାମଲାରେ ଏହି ଅଦାଲତ ଦ୍ୱାରା ଦର୍ଶାଯାଇଛି । କେ. କେ. ଧାୱନଙ୍କ ମାମଲାରେ [ଉଲ୍ଲିଖିତ], ନ୍ୟାୟିକ କିମ୍ବା ଅର୍ଦ୍ଧ-ନ୍ୟାୟିକ କାର୍ଯ୍ୟାନୁଷ୍ଠାନ ସମ୍ବନ୍ଧରେ କେଉଁ ଆଧାରରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ ତାହା ଏହି ନ୍ୟାୟାଳୟ ନିମ୍ନମତେ ସୂଚିତ କରିଥିଲେ ।

(i) ଯେଉଁଠାରେ ନ୍ୟାୟିକ ଅଧିକାରୀ ଏପରି ଆଚରଣ ପ୍ରଦର୍ଶନ କରିଛନ୍ତି ଯାହା ତାଙ୍କ ଖ୍ୟାତି କିମ୍ବା ସାଧୁତା କିମ୍ବା ସାଧୁ ଉଦ୍ଦେଶ୍ୟ କିମ୍ବା କର୍ତ୍ତବ୍ୟ ପ୍ରତି ସମର୍ପଣକୁ ପ୍ରତିଫଳିତ କରିବ;

(ii) ତାଙ୍କ କର୍ତ୍ତବ୍ୟ ନିର୍ବାହ କରିବାରେ ବେପରୁଆମି କିମ୍ବା ମନ୍ଦ ଆଚରଣକୁ ଦର୍ଶାଇବା ପାଇଁ ପ୍ରଥମ ଦୃଷ୍ଟିଗତ ତଥ୍ୟ ରହିଛି;

(iii) ଯଦି ସେ ଅବହେଳା କରିଛନ୍ତି କିମ୍ବା ବୈଧାନିକ କ୍ଷମତାର ପ୍ରୟୋଗ ପାଇଁ ଆବଶ୍ୟକ ନିର୍ଦ୍ଧାରିତ ସର୍ତ୍ତାବଳୀକୁ ସେ ବାଦ୍ ଦେଇଛନ୍ତି;

(iv) ଯଦି ସେ କୌଣସି ପକ୍ଷକୁ ଅଯଥା ସମର୍ଥନ କରିବା ଉଦ୍ଦେଶ୍ୟରେ କାର୍ଯ୍ୟ କରିଥିଲେ;

(v) ଯଦି ସେ ଦୁର୍ନୀତିଗ୍ରସ୍ତ ଉଦ୍ଦେଶ୍ୟ ଦ୍ୱାରା ପ୍ରେରିତ ହୋଇଥିଲେ ।

ସମାନ ପ୍ରକୃତିର ଏକ ମାମଲା ସମ୍ବନ୍ଧରେ, *ଈଶ୍ୱର ଚାନ୍ଦ ଜୈନ* ବନାମ *ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟ ଏବଂ ଅନ୍ୟଜଣେ* [1988] Supp. (1) SCR 396, ରେ ଏହି ନ୍ୟାୟାଳୟ ଦ୍ୱାରା ନିମ୍ନଲିଖିତ ପର୍ଯ୍ୟବେକ୍ଷଣ କରାଯାଇଥିଲା:

> "......ସମ୍ବିଧାନ ଅନୁଯାୟୀ ଅଧସ୍ତନ ନ୍ୟାୟପାଳିକା ଉପରେ ନିୟନ୍ତ୍ରଣ ପ୍ରୟୋଗ କରୁଥିବାବେଳେ, ନ୍ୟାୟିକ ଅଧିକାରୀମାନଙ୍କୁ ମାର୍ଗଦର୍ଶନ ଏବଂ ସୁରକ୍ଷା ଦେବା ଉଚ୍ଚ ନ୍ୟାୟାଳୟର ସାମ୍ବିଧାନିକ ଦାୟିତ୍ୱ ଅଟେ । ଜଣେ ସଚ୍ଚୋଟ, କଠୋର ନ୍ୟାୟିକ ଅଧିକାରୀଙ୍କ ପ୍ରତିଦ୍ୱନ୍ଦୀ ରହିବାର ସମ୍ଭାବନା ରହିଛି । ନ୍ୟାୟିକ ପକ୍ଷରେ ଉଚ୍ଚ ନ୍ୟାୟାଳୟ ଦ୍ୱାରା ସମର୍ଥିତ ନ୍ୟାୟିକ ଅଧିକାରୀମାନଙ୍କ ସହ ଜଡ଼ିତ ତୁଚ୍ଛ ବିଷୟ ଉପରେ ଯଦି ଅଭିଯୋଗଗୁଡ଼ିକୁ ଗ୍ରହଣ କରାଯାଏ, ଏବଂ ଯଦି ତୁଚ୍ଛ ବିଷୟ ଉପରେ ନ୍ୟାୟିକ ଅଧିକାରୀମାନଙ୍କୁ ଅଭିଯୋଗ ଏବଂ ତଦନ୍ତର ନିରନ୍ତର ଧମକ ଦିଆଯାଏ, ଏବଂ ଯଦି ଉଚ୍ଚ ନ୍ୟାୟାଳୟ ବେନାମ ଅଭିଯୋଗଗୁଡ଼ିକୁ ପ୍ରୋତ୍ସାହିତ କରନ୍ତି, ତେବେ କୌଣସି ନ୍ୟାୟିକ ଅଧିକାରୀ ସୁରକ୍ଷିତ ଅନୁଭବ କରିବେ ନାହିଁ, ଏବଂ ସଚ୍ଚୋଟ ଏବଂ ସ୍ୱାଧୀନ ଭାବରେ ତାଙ୍କ କର୍ତ୍ତବ୍ୟ ନିର୍ବାହ କରିବା ତାଙ୍କ ପକ୍ଷେ କଷ୍ଟକର ହେବ । ଆଇନ ଅନୁଯାୟୀ ଶାସନ ନିମନ୍ତେ ଏକ ସ୍ୱାଧୀନ ଏବଂ ସଚ୍ଚୋଟ ନ୍ୟାୟପାଳିକା ଅପରିହାର୍ଯ୍ୟ ଅଟେ । ଏହା ଜରୁରୀ ଯେ ଅବିବେକୀ ଓକିଲ ଏବଂ ମକଦ୍ଦମାକାରୀଙ୍କ ଦ୍ୱାରା କରାଯାଇଥିବା ଅସଙ୍ଗତ କିମ୍ବା ପ୍ରରୋଚିତ ଅଭିଯୋଗକୁ ଅଣଦେଖା କରି ନିଜର ସଚ୍ଚୋଟ ନ୍ୟାୟିକ ଅଧିକାରୀମାନଙ୍କୁ ସୁରକ୍ଷା ଦେବା ପାଇଁ ଉଚ୍ଚ ନ୍ୟାୟାଳୟ ପଦକ୍ଷେପ ନେବା ଉଚିତ୍ ।" [ପୃଷ୍ଠା 409]

ବର୍ତ୍ତମାନର ମାମଲାରେ, ଯଦିଓ ତଦନ୍ତକାରୀ ଅଧିକାରୀଙ୍କ ଦ୍ୱାରା ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯାଇଛି, ଏକ ଭିନ୍ନ ଉପସଂହାରରେ ଉପନୀତ ହେବା ପାଇଁ ନ୍ୟାୟିକ ପକ୍ଷରେ ଆବେଦନକାରୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ପ୍ରତ୍ୟେକ ଆଦେଶକୁ ଯାଞ୍ଚ କରିବା ବ୍ୟତୀତ କାରଣ ଯୋଗ୍ୟ ନାମର କୌଣସି ତଥ୍ୟ ନାହିଁ । ଏକ ଭିନ୍ନ ଉପସଂହାରରେ ଉପନୀତ ହେବା ପାଇଁ କେବଳ ଏହି କାରଣ ଯେ ଏକ ନିର୍ଦ୍ଦିଷ୍ଟ ତଥ୍ୟ ସମୂହରେ ସମ୍ଭାବନା ରହିଥିଲା, ନ୍ୟାୟିକ ଅଧିକାରୀଙ୍କୁ ଗୋଟିଏ ମତ ଗ୍ରହଣ କରିବା ପାଇଁ ଏବଂ ତାହା ମଧ୍ୟ କେବଳ ସେହି କାରଣରୁ ଆରୋପିତ ମନ୍ଦ ଆଚରଣ ପାଇଁ ଅଭିଯୋଗ କରିବାର କୌଣସି ଆଧାର ନାହିଁ । ତଦନ୍ତ ଅଧିକାରୀ ଅନ୍ୟ କୌଣସି

ତଥ୍ୟ ପାଇ ନାହାଁନ୍ତି, ଯାହା ତାଙ୍କ ଖ୍ୟାତି କିମ୍ବା ସାଧୁତା କିମ୍ବା ସାଧୁ ଉଦ୍ଦେଶ୍ୟ କିମ୍ବା କର୍ତ୍ତବ୍ୟ ପ୍ରତି ସମର୍ପଣକୁ ପ୍ରତିଫଳିତ କରିବ କିମ୍ବା ଏହା ପ୍ରତିଫଳିତ କରିବ ଯେ କୌଣସି ଭ୍ରଷ୍ଟ ଉଦ୍ଦେଶ୍ୟ ଦ୍ୱାରା ସେ ପ୍ରେରିତ ହୋଇଥିଲେ । ଅଧିକ ରୂପେ, ସେ କହିପାରିବେ ଯେ ଆବେଦନକାରୀଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ମତ ଯଥାର୍ଥ କିମ୍ବା ସଠିକ୍ ନୁହେଁ ଏବଂ ଅସମ୍ପୃକ୍ତ ବିଚାର ଯୋଗୁଁ ସେ ସେହି ଢଙ୍ଗରେ କାର୍ଯ୍ୟ କରିଥିଲେ ବୋଲି କୌଣସି ଉଦ୍ଦେଶ୍ୟ ପାଇଁ ତାଙ୍କୁ ଦାୟୀ କରିପାରିବେ ନାହିଁ । ଯଦି ପ୍ରତ୍ୟେକ ମାମଲାରେ ଯେଉଁଠାରେ ଅଧସ୍ତନ ନ୍ୟାୟାଳୟର ଆଦେଶ ତ୍ରୁଟିପୂର୍ଣ୍ଣ ବୋଲି ଜଣାପଡ଼େ, ତେବେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯାଏ ଯାହାଦ୍ୱାରା ଅଧସ୍ତନ ନ୍ୟାୟପାଳିକାର ଆତ୍ମବିଶ୍ୱାସ ବିଚଳିତ ହେବ ଏବଂ ଶୃଙ୍ଖଳାଗତ ତଦନ୍ତର ସମ୍ମୁଖୀନ ନହେବା ପାଇଁ ଅଧିକାରୀମାନେ ଏକ ରାୟକୁ ଲେଖିବା ନିମନ୍ତେ ମନରେ ନିରନ୍ତର ଭୟ ପୋଷଣ କରିବେ ଏବଂ ସେଥିପାଇଁ, ନ୍ୟାୟପାଳିକା ଅଧିକାରୀମାନେ ସ୍ୱାଧୀନ ଭାବରେ କିମ୍ବା ନିର୍ଭୀକ ଭାବରେ କାର୍ଯ୍ୟ କରିପାରିବେ ନାହିଁ । ବାସ୍ତବରେ, କେ. କେ. ଧାୱନଙ୍କ ମାମଲା (ଉଲ୍ଲିଖିତ) ଏବଂ ଏ. ଏନ୍. ସକ୍ସେନାଙ୍କ ମାମଲା (ଉଲ୍ଲିଖିତ) ରେ ସତର୍କ ଦିଆଯାଇଛି ଯେ ଆଦେଶଟି ତୃଟିପୂର୍ଣ୍ଣ ଅଟେ କିମ୍ବା ଗ୍ରହଣ କରାଯାଇଥିବା କାର୍ଯ୍ୟାନୁଷ୍ଠାନ ଭିନ୍ନ ହୋଇଥାଇପାରିଥାନ୍ତା, କେବଳ ଏହି କାରଣରୁ ନ୍ୟାୟିକ ଅଧିକାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବାର ଆବଶ୍ୟକତା ନାହିଁ । ଏଭଳି ସତର୍କତା ସତ୍ତ୍ୱେ, ଏହା ଦୁର୍ଭାଗ୍ୟଜନକ ଯେ ଏହି ମାମଲାରେ ଆବେଦନକାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଉଚ୍ଚ ନ୍ୟାୟାଳୟ ବିଚାର କରିଛନ୍ତି ।

ଅନ୍ୟ ଦୁଇଟି ଅଭିଯୋଗ ରହିଛି ଯେଉଁ ଆଧାରରେ ଆବେଦନକାରୀ ଦୋଷୀ ସାବ୍ୟସ୍ତ ହୋଇଥିଲେ । ଜଣେ ବରିଷ୍ଠ ସରକାରୀ ଡାକ୍ତରଙ୍କ ଦ୍ୱାରା ଦାଖଲ ହୋଇଥିବା ଉପଭୋକ୍ତା ବିବାଦରେ ଟେଲିଫୋନ୍ ବିଭାଗକୁ 410 ଟଙ୍କା ପଇଠ ନକରିଥିବାରୁ ଟେଲିଫୋନ୍ ସଂଯୋଗ ବିଚ୍ଛିନ୍ନ କରିବା ଉପରେ ସ୍ଥଗିତାଦେଶକୁ ମଞ୍ଜୁରୀ ସମ୍ବନ୍ଧରେ ସେଥି ମଧ୍ୟରୁ ଗୋଟିଏ ଅଟେ । ଭାରପ୍ରାପ୍ତ ଜିଲ୍ଲା ବିଚାରପତି ଭାବେ ତାଙ୍କ ସାମର୍ଥ୍ୟରେ ସେ ଯାହା କରିଥିଲେ, ତାହା ଏହି ଧାରଣାରେ ଅଟେ ଯେ ଜିଲ୍ଲା ବିଚାରପତି, ଜିଲ୍ଲା ଉପଭୋକ୍ତା ବିଚାରପୀଠର ପୂର୍ବତନ ଅଧକ୍ଷ ହୋଇଥିବାରୁ ସେ ଏପରି ଆଦେଶକୁ ମଞ୍ଜୁରୀ ଦେଇପାରିବେ ଏବଂ ତାହା ମଧ୍ୟ ଯେତେବେଳେ ବିଚାରପୀଠର ଜଣେ ସଦସ୍ୟ ତାଙ୍କ ସମ୍ମୁଖରେ କାଗଜପତ୍ର ରଖି ଆଦେଶଗୁଡିକୁ ମାଗିଛନ୍ତି । ସର୍ବୋପରି, ଏହା ନ୍ୟାୟିକ କ୍ଷମତାର ଯଥାର୍ଥ ଏବଂ ତ୍ରୁଟିପୂର୍ଣ୍ଣ ପ୍ରୟୋଗର ଏକ ମାମଲା ଅଟେ ଏବଂ ସେହି ମାମଲାକୁ ମନ୍ଦ ବ୍ୟବହାର ଭାବରେ ଆଦୌ ବିବେଚନା କରାଯାଇପାରିବ ନାହିଁ । ତଦନ୍ତ

ଅଧିକାରୀ କିପରି ଏକ ସନ୍ଧାନରେ ଉପନୀତ ହୋଇପାରିଲେ ଯେ ଉପରୋକ୍ତ ବର୍ଗ ମଧ୍ୟରୁ ଗୋଟିଏ ଅଧୀନରେ ଏହା ଆସୁଛି, ଏହା ଆମର ବୋଧଗମ୍ୟତାକୁ ଅତିକ୍ରମ କରେ ।

ଶେଷ ଅଭିଯୋଗ ହେଉଛି ଯେ ଯେତେବେଳେ ସେ ଭାରପ୍ରାପ୍ତ ଜିଲ୍ଲା ବିଚାରପତି ଥିଲେ, ସେତେବେଳେ ଆବେଦନକାରୀ ଜଣେ ମାଳି (ଉଦ୍ୟାନ-ରକ୍ଷକ) ଙ୍କୁ ଅସ୍ଥାୟୀ ଭିତ୍ତିରେ 3-12 ମାସର ଅବଧି ପାଇଁ ନିଯୁକ୍ତ କରିଥିଲେ । କୌଣସି କାର୍ଯ୍ୟାନୁଷ୍ଠାନକୁ ଆହ୍ୱାନ କରିବା ନିମନ୍ତେ ଆବେଦନକାରୀଙ୍କ ଆଚରଣ ଅତ୍ୟନ୍ତ ତୁଚ୍ଛ ଥିଲା କାରଣ ତାଙ୍କ ଦ୍ୱାରା କରାଯାଇଥିବା ନିଯୁକ୍ତି, ବେଆଇନ ସନ୍ତୋଷ କିମ୍ବା ଅନ୍ୟ କୌଣସି ଅନୁଚିତ୍ ଉଦ୍ଦେଶ୍ୟ ଅନୁଯାୟୀ ନଥିଲା । ସେ କେବଳ ଭାରପ୍ରାପ୍ତ ଜିଲ୍ଲା ବିଚାରପତି ଥିଲେ ବୋଲି ଦର୍ଶାଇବା ବ୍ୟତୀତ ତାହା ମନ୍ଦ ବ୍ୟବହାର ବୋଲି କିପରି ଗଣ୍ୟ ହେବ ତାହା ଆମ ପାଇଁ ଆଦୌ ସ୍ପଷ୍ଟ ନୁହେଁ ।

ତେଣୁ ଆମେ ସନ୍ଧାନ କରିଛୁ ଯେ ମନ୍ଦ ବ୍ୟବହାରର ଅଭିଯୋଗକୁ ସମର୍ଥନ କରିବା ପାଇଁ କୌଣସି ଆଇନଗତ ଭାବରେ ଗ୍ରହଣୀୟ କିମ୍ବା ପ୍ରାସଙ୍ଗିକ ପ୍ରମାଣର ଅଭାବ ହେତୁ ତଦନ୍ତକାରୀ ଅଧିକାରୀଙ୍କ ଦ୍ୱାରା ଲିପିବଦ୍ଧ ହୋଇଥିବା ତଦନ୍ତ ସମ୍ପୂର୍ଣ୍ଣ ଭାବରେ ଅସିଦ୍ଧ ଅଟେ । କୌଣସି ପ୍ରମାଣର ଅନୁପସ୍ଥିତିରେ, ଯେଉଁ ଉପାୟରେ ତଦନ୍ତକାରୀ ଅଧିକାରୀ ଉକ୍ତ ଉପସଂହାରରେ ଉପନୀତ ହୋଇଥିଲେ, ତାହା ସେ କରିପାରିନଥାନ୍ତେ, ଏବଂ ଶୃଙ୍ଖଳାଗତ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରମାଣିତ ଏହି ତଦନ୍ତଗୁଡ଼ିକୁ ମଧ୍ୟ ଅସିଦ୍ଧ ବୋଲି ଉପସ୍ଥାପନ କରାଯାଇଛି ।

ଉତ୍ତରଦାତାମାନଙ୍କ ପାଇଁ ବିଜ୍ଞ ଅଧିବକ୍ତା ଏହି ପ୍ରକୃତିର ପ୍ରସଙ୍ଗଗୁଡ଼ିକରେ ହସ୍ତକ୍ଷେପର ପରିସରକୁ ସୂଚିତ କରିବା ପାଇଁ ଏହି ନ୍ୟାୟାଳୟର ଅନେକ ନିଷ୍ପତ୍ତି ଉପରେ ନିର୍ଭର କରିବାକୁ ଚାହୁଁଥିଲେ । ଏହି ପ୍ରକାରର ମାମଲା ପ୍ରତି ଆକର୍ଷିତ ହୋଇଥିବା ବ୍ୟାପକ ନୀତି ପ୍ରତି ଆମେ ଧ୍ୟାନ ଦେଇଛୁ ଯାହା ଫଏସଲା ପାଇଁ ଯଥେଷ୍ଟ ଅଟେ । ତେଣୁ, ଆମେ ଅନ୍ୟ ନିର୍ଣ୍ଣୟଗୁଡ଼ିକ ବିଷୟରେ ଉଲ୍ଲେଖ କରୁନାହୁଁ ।

ତେଣୁ, ଏହି ଆବେଦନକୁ ଅନୁମତି ଦେବାରେ ଆମର କୌଣସି ଦ୍ୱିଧା ନାହିଁ, ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପ୍ରଦତ୍ତ ଆଦେଶକୁ ବାତିଲ କରୁଛୁ ଏବଂ ସେହି ଅନୁଯାୟୀ ଆବେଦନକାରୀଙ୍କ ଦ୍ୱାରା ଦାଖଲ ହୋଇଥିବା ଆଜ୍ଞାଦେଶ ଆବେଦନକୁ ଅନୁମତି ଦେଉଛୁ, ଚାକିରିରେ ତାଙ୍କର ତୁରନ୍ତ ପୁନଃସ୍ଥାପନ ସହିତ ଚାକିରି ଜାରି ରଖିବାକୁ ଏବଂ ସମସ୍ତ ଆନୁଷଙ୍ଗିକ ଲାଭ ଯେପରିକି ବକେୟା ଦେୟ ଏବଂ ଅନ୍ୟାନ୍ୟ ସୁବିଧା ଦେବାକୁ ନିର୍ଦ୍ଦେଶ ଦେଉଛୁ । କୌଣସି ଖର୍ଚ୍ଚ ନାହିଁ ।

ଭି. ଏସ୍. ଏସ୍. ଆବେଦନକୁ ଅନୁମତି ପ୍ରଦାନ କରାଗଲା ।

**ଅସ୍ୱୀକରଣ**

"ଉପଭାଷା ରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର:***

ସୁଶ୍ରୀ ସଙ୍ଗୀତା ଲେଙ୍କା,
ଅନୁବାଦିକା,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ